# ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ କେନ୍ଦ୍ର ଉଦ୍‌ଘାଟିତ

## ଶିକ୍ଷା ପାଇଁ ବୟସ ବାଧକ ନୁହେଁ : କୁଳପତି

ଜୟପୁର,୨୬/୮(ଇମିସ): ଶିକ୍ଷା ଗ୍ରହଣ ପାଇଁ କୌଣସି ବୟସ ସୀମା ନାହିଁ। ଯେ ଯେତେବେଳେ ଚାହିଁଲେ ଶିକ୍ଷା ଗ୍ରହଣ କରିପାରିବ। ଯେଉଁ ବିଷୟ ପ୍ରତି ଆଗ୍ରହ ରହିଛି ସେଥିରେ ଅଧ୍ୟୟନ କରିବେ। ଯୁକ୍ତ ଦୁଇ ଓ ଯୁକ୍ତ ତିନ ପାସ୍ କରିବା ପରେ ନିଜ ସୁବିଧା ଅନୁଯାୟୀ ବିଷୟ ବାଛିପାରିବେ ବୋଲି କହିଛନ୍ତି ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀକାନ୍ତ ମହାପାତ୍ର। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କେନ୍ଦ୍ର ଆଜି ଜୟପୁରରେ ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ, ମାଲକାନଗିରି, ଜୟପୁର, ରାୟଗଡା ଓ ନବରଙ୍ଗପୁର ଅଞ୍ଚଳ ପାଇଁ ଏହି ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟ କରିବା କେନ୍ଦ୍ର ଦ୍ୱାରା ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ଉନ୍ନତି କରାଯିବା ନେଇ ଏଭଳି ପଦକ୍ଷେପ ନିଆଯାଇଛି। ଜୟପୁର କେନ୍ଦ୍ରରେ ବହୁ ଅଳ୍ପ ସଂଖ୍ୟକ ଛାତ୍ରଛାତ୍ରୀ ଆବେଦନ କରି ନାମ ଲେଖାଉଛନ୍ତି। ଓଡିଶାରେ ବର୍ତ୍ତମାନ ଜୟପୁର ସମେତ ୩ଟି ଆଞ୍ଚଳିକ କେନ୍ଦ୍ର ରହିଥିବା ବେଳେ ଆଗାମୀ ଦିନରେ ବାଲେଶ୍ୱର ଓ ସମ୍ବଲପୁରରେ ଖୋଲାଯିବାକୁ ଲକ୍ଷ୍ୟ ରହିଥିବା ନେଇ ଶ୍ରୀ ମହାପାତ୍ର କହିଛନ୍ତି।




ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧକ୍ଷା ସି.ସାବିତ୍ରୀଙ୍କ ସଭାପତିତ୍ୱରେ ଏହି ଉଦ୍‌ଘାଟନ ସଭା ଆୟୋଜିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଜୟନ୍ତ କର ଶର୍ମା ଯୋଗଦେଇ ଆଗାମୀ ଦିନରେ କିପରି ଛାତ୍ରଛାତ୍ରୀ ସୁବିଧାରେ ଅଧ୍ୟୟନ କରିପାରିବେ, ଇ-ଲାଇବ୍ରେରିର ଫାଇଦା ନେଇ ପାରିବେ ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ମଧ୍ୟ ଅନଲାଇନରେ ଘରେ ବସି ଶିକ୍ଷା ଗ୍ରହଣ କରି ପାରିବା ନେଇ ଅବଗତ କରାଇଥିଲେ। ଏହା ସହ ଯେଉଁ ଉଦ୍ଦେଶ୍ୟ ନେଇ ଏହି ଅନୁଷ୍ଠାନ ଖୋଲାଯାଇଛି ତାକୁ ଛାତ୍ରଛାତ୍ରୀମାନ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜକ ପ୍ରଧାପକ ତ୍ରିନାଥ ରଥ ପରିଚାଳନା କରିଥିବା ବେଳେ ଆଞ୍ଚଳିକ କେନ୍ଦ୍ର ମୁଖ୍ୟ ମହେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ।